## ସଂକ୍ଷେପରେ

### ୩ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

କୋରୁକୋଣ୍ଡା, ୧୫।୨(ଡି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଓର୍କେଲ ଥାନା ପୋଲିସ ରବିବାର ରାତିରେ ଚୋରାଚାଲାଣ ବେଳେ ୩କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରଛି। ସେମାନେ ହେଲେ ଚିମିଟାପାଲ୍ଲି-ସି ଗ୍ରାମର ଭୀଷ୍ମ ଚରଣ ସୁଗ୍ରି ଓ ଡାବୁଗୁଡା ଗ୍ରାମର ଗୋପାଳ ପାଙ୍ଗି। ଓର୍କେଲ ଏସଆଇ କୃଷ୍ଣ ଶାହା ଟିମ୍‌ସହ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ବାଲିମେଲା-ବେଜ୍ଞେଗିଗୁଡା ରାସ୍ତାରେ ୩



ଜଣଙ୍କୁ ସନ୍ଦେହଜନକ ଭାବେ ବୁଲୁଥିବା ଦେଖି ପଚରାଉଚରା କରିଥିଲେ। ଏହି ସମୟରେ ଜଣେ ଅନ୍ଧାରର ସୁଯୋଗ ନେଇ ଦୌଡି ପଳାଇଥିଲେ। ଭୀଷ୍ମ ଓ ଗୋପାଳଙ୍କ ନିକଟରୁ ୧୨ଟି ପ୍ୟାକେଟରେ ଥିବା ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ରୂପେ ଏସଆଇ ମିଳନ ମଜୁମଦାର ଅଛନ୍ତି। ଏହି ଗଞ୍ଜେଇ ଚିତ୍ରକୋଣ୍ଡା ଅଞ୍ଚଳରୁ ଛତିଶଗଡ ଚାଲାଣ ହୋଇଥାନ୍ତା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୩ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି।

### ଏମ୍‌ଭି-୨୫ ଗ୍ରାମରେ ଚଢ଼ାଉ, ଲକ୍ଷାଧିକ ଟଙ୍କାର କାଠସାମଗ୍ରୀ ଜବତ

ମାଲକାନଗିରି, ୧୫।୨(ଡି.ଏନ୍.ଏ.)- ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରଦୀପ ଦେବୀଦାଶ ମିରାସେଙ୍କ ନିର୍ଦ୍ଦେଶରେ ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀଙ୍କ ନେତୃତ୍ୱରେ କୋରୁକୋଣ୍ଡା ସେକ୍ସନ ଅନ୍ତର୍ଗତ



ତୁମୁସାପାଲି ବ୍ରିଟ୍ ଏମ୍‌ଭି-୨୫ ଗ୍ରାମର ପ୍ରଶାନ୍ତ ମଣ୍ଡଳଙ୍କ ଘରେ ସୋମବାର ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଘରେ ଥିବା ପ୍ରାୟ ଦେଢ଼ଲକ୍ଷ ଟଙ୍କାର ଶାଗୁଆନ କାଠଗଣ୍ଡି ୮ଟି, ଅର୍ଦ୍ଧନିର୍ମିତ ଆସବାବପତ୍ର ସହ ପଟ୍ଟା ଜବତ ହୋଇଛି। ଏହାକୁ ମାଲକାନଗିରି ରେଞ୍ଜ ଅଫିସରେ ରଖାଯାଇଛି। ପ୍ରଶାନ୍ତ ଫେରାର ହୋଇଯାଇଥିବାରୁ ତାଙ୍କୁ ଧରାଯାଇପାରିନାହିଁ ବୋଲି ବିଶୋୟୀ କହିଛନ୍ତି। ଚଢ଼ାଉରେ ବନପାଳ ରାଜେଶ କୁମାର ତ୍ରିପାଠୀ, ମୁରଲୀଧର ଅନୁଗୁଳିଆ, ଦିବାକର ଜେନା, ମୋହନ ଗୁଡିଆ,ବନରକ୍ଷୀ ଓ ପାରା ଷ୍ଟାଫ୍ କର୍ମଚାରୀ ସାମିଲ ହୋଇଥିଲେ।

# ସବୁଠି ଜଳିଲା ଦରବୃଦ୍ଧି ବିରୋଧୀ ନିଆଁ

ରାୟଗଡ଼ା ଅଫିସ/ଗୁଣପୁର/ମୁନିଗୁଡ଼ା/ଚନ୍ଦ୍ରପୁର/ବିଷମକଟକ/ଗୁଡ଼ାରି/ଟିକିରି, ୧୫।୨ (ଡି.ଏନ୍.ଏ.)–





ରାୟଗଡ଼ା ଓ ଗୁଣପୁରରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ତୈଳ ଦର ବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୬ଘଣ୍ଟିଆ ବନ୍ଦ ଡାକରା ରାୟଗଡ଼ା ଜିଲାରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ଜିଲାର ସବୁ ବ୍ଲକ୍‌ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନିଆଁ ଜଳିଥିଲା। କେବଳ ଜରୁରୀ ସେବା ଜାରି ରହିଥିଲା। ସକାଳୁ ସମସ୍ତ ବସ୍, ଟ୍ରକ୍ ଏବଂ ଅଟୋ ଷ୍ଟାଣ୍ଡରେ ଅଟକି ରହିବା ଦେଖାଯାଇଥିଲା। ଆନ୍ଧ୍ରପ୍ରଦେଶରୁ ଆସୁଥିବା ଟ୍ରକ୍‌ଗୁଡ଼ିକୁ କପିଳାସ ଛକ ନିକଟରେ ଅଟକାଇ ରଖାଯାଇଥିଲା। କଂଗ୍ରେସ କର୍ମୀମାନେ ସହରର ବିଭିନ୍ନ ଅଞ୍ଚଳରେ ପିକେଟିଂ କରିଥିଲେ। ପରେ କର୍ମୀମାନେ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ମଧ୍ୟ ଖୋଲି ନ ଥିଲା। ପୂର୍ବତନ ବିଧାୟକ ପ୍ରାର୍ଥୀ ଆପଲ ସ୍ୱାମୀ କାଡ୍ରାକା, ବିଷମକଟକ ଜିଲା ପରିଷଦ ସଦସ୍ୟ ନନ୍ଦକିଶୋର ଚୌଧୁରୀ, ଜିଲା ଯୁବ କଂଗ୍ରେସ ସଭାପତି ଭବାନୀ ଶଙ୍କର ଜେନା, ଜିଲା ସାଧାରଣ ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ, ଉପ ସଭାପତି ସୁନୀଲ ପଣ୍ଡା, ନଗର ସଭାପତି ଏମ୍. ଶଙ୍କର ରାୟ, ପୂର୍ବତନ ଲକ୍ଷ୍ମୀପୁର ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି, ପାର୍ଥବର୍ଦ୍ଧନ, ଭୀମସେନ ନାୟକ, ବାପି ପଟ୍ଟନାୟକ ପ୍ରମୁଖ ନେତୃତ୍ୱ ନେଇ ବନ୍ଦକୁ ସଫଳ କରିଥିଲେ।

ଗୁଣପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ଶାନ୍ତିଶୃଙ୍ଖଳାରେ ବନ୍ଦ ପାଳନ ହୋଇଥିଲା। ଦୋକାନ, ବଜାର, ବ୍ୟାଙ୍କ ସବୁକିଛି ବନ୍ଦ ରହିଥିଲା। କଂଗ୍ରେସ କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭାପତି ବିଜୟ ଗମାଙ୍ଗ, ନଗର ସଭାପତି ଶ୍ରୀକାନ୍ତ ବେହେରା, ଏମ୍‌ପି ପ୍ରତିନିଧି ଏସ୍. ବାବା ପ୍ରସାଦଙ୍କ ସମେତ ଭୋଳାନାଥ ମହାକୁଡ଼, ତରଣୀ ଶତପଥୀ, ସୋମନାଥ ପାଣି ପ୍ରମୁଖ ନେତୃତ୍ୱ ନେଇ ବନ୍ଦ ପାଳନ କରିଥିଲେ।

ମୁନିଗୁଡ଼ା ବ୍ଲକ୍ କଂଗ୍ରେସ ସଭାପତି ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ ତିନିକୋଣିଆ ଛକ ଶହୀଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତି ନିକଟରେ ନେତା ଓ କର୍ମୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ କଂଗ୍ରେସ ନେତା ଭି. ଚନ୍ଦ୍ରଶେଖର, ଜି. ନାଗରାଜୁ, ଭୀମ ସେଠୀ, ଯୁଧିଷ୍ଠିର ଗୌଡ଼, ପ୍ରସାଦ ମହାକୁଡ଼, ରମେଶ ପାଲକା, ସୁବଳ ନାଗ ପ୍ରମୁଖ ସାମିଲ ଥିଲେ।

ଚନ୍ଦ୍ରପୁରରେ ମଧ୍ୟ ବନ୍ଦର ସମ୍ପୂର୍ଣ୍ଣ ପ୍ରଭାବ ନଜର ଆସିଥିଲା। ଯାତ୍ରୀବାହୀ ବସ୍‌ଗୁଡ଼ିକ ଅଟକି ରହିଥିବାରୁ ଜରୁରୀ କାମରେ ଯିବାକୁ ଅପେକ୍ଷା କରିଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବନ୍ଦ ପାଳନରେ ଚନ୍ଦ୍ରପୁର ବ୍ଲକ୍ କଂଗ୍ରେସର ବରିଷ୍ଠ କର୍ମୀ ଦେବହରି ଭାଟ, ପରିକ୍ଷିତ ବେହେରା, ମୁରାରି ଦଣ୍ଡସେନା, ସୁରେନ୍ଦ୍ର ବିଡିକା, ବିଦ୍ୟା ପାତ୍ର, ଦୁର୍ଗା ଦଳେଇ, ରତନଦାସ ମାଳବିଶୋୟୀ, ବିଜୟ ବ୍ରେକେବେଡ଼ା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ରାସ୍ତା ଅବରୋଧ କରିଥିଲେ।

ଗୁଡାରିଠାରେ ମଧ୍ୟ ବନ୍ଦ ପାଳନ ସଫଳ ହୋଇଛି। ସହରର ଦୋକାନ ବଜାର ସହ ସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା। ବ୍ଲକ୍ ସଭାପତି ଗୋପାଳ ପିଡିକାକା, ବ୍ଲକ୍ ଏମ୍‌ପି ପ୍ରତିନିଧି ଭାସ୍କର ଜାଗାରାଙ୍ଗା ଏବଂ ଶାନ୍ତି ପୂଜାରୀଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

କାଶୀପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ଯୋଗୁ ଟିକିରି ତୋଟାଗୁଡ଼ା ଛକ, ସୋରିଷପଦର ଛକ, ଜଗନ୍ନାଥ ମନ୍ଦିର ନିକଟରେ ଏବଂ ଟିକିରି ମୁଖ୍ୟ ବଜାରରେ କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧ କରିଥିଲେ।

ବିଷମକଟକଠାରେ ବ୍ଲକ୍ କଂଗ୍ରେସ ସଭାପତି ବିଜୟ କିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ଲକ୍ ଅଫିସ ନିକଟରେ ରାଜପଥ ଅବରୋଧ କରାଯାଇଥିଲା। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନୀଳମାଧବ ହିକ୍କା, ରାମଦାଶ ଟାକ୍ରି, ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି ନିଖିଲ ପଟ୍ଟନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ବନ୍ଦ ପାଳନକୁ ସଫଳ କରିଥିଲେ।

### ନାବାଳିକା ବଳାତ୍କାର ମାମଲା
## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୫।୨

ସ୍ୱତନ୍ତ୍ର ପୋକ୍‌ସୋ ଜଜ ଜଗଦୀଶ ପ୍ରସାଦ ମହାନ୍ତି ସୋମବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ଚୈତନ୍ୟ ନାୟକ (୨୫)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସାୟାଦ ଇକ୍‌ବାଲ ମକଦ୍ଦମା ପରିଚାଳନା କରିଥିଲେ। ପ୍ରକାଶଯେ,୨୦୨୦ ମାର୍ଚ୍ଚ ୨୧ରେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏନେଇ ପୀଡ଼ିତାଙ୍କ ମା'ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଚୈତନ୍ୟ ନାୟକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଘଟଣା ପରଠାରୁ ଚୈତନ୍ୟ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ସୋମବାର ବିଚାର ବେଳେ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ୭ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ ପାଇଁ ରାୟ ଦେଇଥିବା ମୁଦାଲାଙ୍କ ଓକିଲ ଇକ୍‌ବାଲ ସୂଚନା ଦେଇଛନ୍ତି।

# ସିଲେରୁ ନଦୀରେ ବ୍ରିଜ୍ ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଜିଲାପାଳ

କାଲିମେଳା, ୧୫।୨(ଡି.ଏନ.ଏ.)

ଆନ୍ଧ୍ର ଓଡିଶା ସୀମାନ୍ତରେ ଥିବା ସିଲେରୁ ନଦୀ ଉପରେ ନିର୍ମାଣ ହେବ ବ୍ରିଜ୍। ବହୁ ବର୍ଷଧରି ବ୍ରିଜ୍ ନିର୍ମାଣ ପାଇଁ ଦାବି କରି ଆସୁଥିବା ଅଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣ ହେବ । ଆଉ ଏଠାରେ ଲୋକଙ୍କୁ ବିପଦସଙ୍କୁଳ ଅବସ୍ଥାରେ ଦେଶୀ ଡଙ୍ଗାରେ ନଦୀପାର ହୋଇ ଯିବାକୁ ପଡିବନି । ମାଲକାନଗିରି ଜିଲା କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତର ଶେଷ ସୀମାନ୍ତ ପୋଲୁର ନଦୀଘାଟ ଦେଇ ଯାଇଥିବା ସିଲେରୁ ନଦୀ ଉପରେ ପୋଲ ନିର୍ମାଣ ନେଇ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଜିଲାପାଳ ଡ.ୱାଇ ବିଜୟ ଏହାର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହିସମୟରେ ବିଧାୟକ ଆଦିତ୍ୟ ମାଢ଼ି, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ବ୍ଲକ ଅଧ୍ୟକ୍ଷ ମାଳା ମାଢ଼ି, ବିଡିଓ ଉମା ଶଙ୍କର ଦଳାଇ, ମାଲାକନଗିରି ତହସିଲଦାର ଡ. ଗୁଣନିଧି ନାୟକ, ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଏସଡିପିଓ ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଏସ୍‌ପି ଉଦ୍ଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାପାଳ ପଲୋର ନଦୀଘାଟରେ ପହଞ୍ଚି ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ବୋଟ୍‌ରେ



ଜିଲାପାଳ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

- ବ୍ୟୟ ହେବ ୮ କୋଟି ୫୭ ଲକ୍ଷ ୫୦ ହଜାର
- ମାର୍ଚ୍ଚ ୨୦୨୨ ସୁଦ୍ଧା ସରିବ ନିର୍ମାଣ କାର୍ଯ୍ୟ

ନଦୀପାର ହୋଇ ଆନ୍ଧ୍ର ପଟକୁ ଯାଇ ସେଠାରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ବ୍ରିଜ୍ ନିର୍ମାଣ ହେଲେ ଉଭୟ ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳର ଲୋକମାନେ ଉପକୃତ ହୋଇପାରିବେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ, ନିର୍ମାଣ ହେବାକୁ ଥିବା ୧୯୩.୬ ମିଟର ଏହି ବ୍ରିଜ୍ ପାଇଁ ୮କୋଟି ୫୭ ଲକ୍ଷ ୫୦ ହଜାର ୯୫୩ ଟଙ୍କା ବ୍ୟୟ ହେବ। ୧।୩।୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ ହେବ । ତେବେ ଏହି ବ୍ରିଜ୍ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ କାଗଜପତ୍ର କାର୍ଯ୍ୟ ଶେଷ ହୋଇଥିବା ବେଳେ ଆନ୍ଧ୍ର ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ଏନଓସି କ୍ଲିୟର ହୋଇନାହିଁ । ଏହାକୁ ଶୀଘ୍ର କରିବା ପାଇଁ ଆନ୍ଧ୍ର ସରକାରଙ୍କୁ ପତ୍ର ଲେଖିବା ପାଇଁ ଜିଲାପାଳଙ୍କୁ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପଡିଆ ବ୍ଲକ ଅଧ୍ୟକ୍ଷ ଦେବା ମାଡକାମି,କାଲିମେଳା ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ଏମ୍‌ପି ପ୍ରତିନିଧି ଇ. ଭେଙ୍କଟ ରାଓ, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ମାଲାକନଗିରି ବିଧାୟକ ପ୍ରତିନିଧି ନବଘନ ଲକେଇଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗାଡି ଧକ୍କାରେ ୨ ମହିଳା ଆହତ
## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଗଞ୍ଜାମ, ୧୫।୨(ଡି.ଏନ.ଏ.): ରମ୍ଭା ଥାନା ପାଲୁର ଜଙ୍କଶନ୍ ଛକଠାରେ ସୋମବାର ସନ୍ଧ୍ୟାରେ ଏକ ଗାଡି ଧକ୍କାରେ ଦୁଇ ଜଣ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ବେଲପଡ଼ା ଗ୍ରାମର ବାସନ୍ତୀ ନାୟକ (୬୨) ଓ ଲିଲୀ ନାୟକ (୪୮)। ଲିଲୀଙ୍କ ଅବସ୍ଥା ଗୁରୁତର ଥିବାରୁ ଛତ୍ରପୁର ମେଡିକାଲକୁ ନିଆଯାଇଥିଲା। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁ ଏହିଭଳି ଦୁର୍ଘଟଣା ଘଟୁଛି, ତେଣୁ ଶୀଘ୍ର କାମ ସାରିବାକୁ କହିବା ସହ ଆହତଙ୍କୁ କ୍ଷତି ପୂରଣ ଦାବି ପାଇଁ ସ୍ଥାନୀୟ ଲୋକେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ଦେଖା ଦେଇଥିଲା। ଖବର ପାଇ ହୁମା ଫାଣ୍ଡି ଓ ରମ୍ଭା ଆଇଆଇସି କୃଷ୍ଣ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଆହତଙ୍କୁ ଉଦ୍ଧାର କଲେ ଏଆର୍‌ଟିଓ



ଡାକ୍ତରଖାନାରେ ଖଗଙ୍କ ଚିକିତ୍ସା ଚାଲିଛି।

ଡାବୁଗାଁ, ୧୫।୨ (ଡି.ଏନ୍.ଏ.)

ଦୁର୍ଘଟଣାରେ ଆହତ ହୋଇ ରାସ୍ତାକଡ଼ରେ ପଡିଥିବା ଜଣେ ଯୁବକଙ୍କୁ ଅତିରିକ୍ତ ଆର୍‌ଟିଓ ଅଧିକାରୀ ବିଭୁ ରଞ୍ଜନ ନାୟକ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କର ଏହି ମହନୀୟତା ପାଇଁ ସ୍ଥାନୀୟ ଲୋକେ ବିଭୁ ରଞ୍ଜନଙ୍କୁ ପ୍ରଶଂସା କରିଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ସଦରମହକୁମାସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ (କେନ୍ଦୁପତ୍ର) ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ଝରିଗାଁ ବ୍ଲକ ପୁପୁଗାଁ ପଞ୍ଚାୟତ ଚୁଇଁମାଟିଗୁଡା ଗ୍ରାମର ଖଗ ଗୌଡ (୩୫) ଆହତ ହୋଇ ରାସ୍ତାକଡ଼ରେ ପଡିଥିଲେ। ପାଖରେ କେହି ନ ଥିବାରୁ ଖଗ ସେଠାରେ ଅସହାୟ ଅବସ୍ଥାରେ ପଡି ରହିଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ବିଭୁ ରଞ୍ଜନ, ଆର୍‌ଟିଓ କର୍ମଚାରୀ ସୂର୍ଯ୍ୟନାରାୟଣ ବେହେରା ଓ ଦିଲୀପ ନାୟକ ଖଗଙ୍କୁ ଉଦ୍ଧାର କରି ସରକାରୀ ଗାଡିରେ ନେଇ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

# ଟିକା ନେଲେ ପୌର କର୍ମଚାରୀ

ସୁନାବେଡ଼ା, ୧୫।୨(ସ୍ୱ.ପ୍ର.)

ସୋମବାର ସୁନାବେଡ଼ା ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ୧୫୦ ଜଣ ପୌର କର୍ମଚାରୀ କୋଭିଡ୍ ଟିକା ନେଇଛନ୍ତି। ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଟିକା ନିର୍ବାହୀ ଅଧିକାରୀ ନେଇଥିଲେ। ଟିକା ନେବାର ଅଧାଘଣ୍ଟା ପର୍ଯ୍ୟନ୍ତ ଅବଜର୍ଭେଶନରେ ରହିଥିଲେ। ଏନେଇ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ସେ କହି ଅନ୍ୟ କର୍ମଚାରୀଙ୍କୁ ଆଗ୍ରହର ସହ ଟିକା ନେବାକୁ ପରାମର୍ଶ ଦେଇଥିଲେ। ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମ୍ୟାନେଜର ସଞ୍ଜୟ କୁମାର ସ୍ୱାଇଁ, ଷ୍ଟାଫ୍‌ନର୍ସ ଇତିଶ୍ରୀ ଜୁଏଲ, ଏଏନ୍‌ଏମ୍ ସୁଷମା ପରମାଣିକ କର୍ମଚାରୀଙ୍କୁ ଟିକା ଦେଇଥିଲେ। ଲକ୍ଷ୍ମୀଧର ମହାପାତ୍ର ପରିଚାଳନା କରିଥିଲେ।

# ବରିଷ୍ଠ ମହିଳା ଫୁଟ୍‌ବଲ ଦଳର ଝାରସୁଗୁଡ଼ା ଗସ୍ତ

ନବରଙ୍ଗପୁର, ୧୫।୨(ବି.ପ୍ର.)

ଓଡ଼ିଶା ଫୁଟ୍‌ବଲ ସଂଘ ଆନୁକୂଲ୍ୟରେ ଝାରସୁଗୁଡ଼ାରେ ହେବାକୁ ଥିବା ଆର୍.ସି. ବେହେରା ନକ୍ ଆଉଟ ବରିଷ୍ଠ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ନବରଙ୍ଗପୁରରୁ ଏକ ୧୬ ଜଣିଆ ଟିମ୍ ଝାରସୁଗୁଡ଼ା ଗସ୍ତ କରିଛନ୍ତି। ନବରଙ୍ଗପୁର କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ତଥା ଜିଲା କ୍ରୀଡ଼ା କୋଚ ଏମ୍. ବାଲାକ୍ରିଷ୍ଣା ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୬ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ରଇଲା ଭାତରା ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି। ରଞ୍ଜିତା ନାୟକ, ସ୍ୱାଗତିକା ମଲ୍ଲିକ, ଭଗବତୀ ଭତରା, ଲଳିତା ଗଣ୍ଡ, ରାଦମା ମାଝି, କନକ ଭତରା, କୁମାରୀ ଭତରା, ଅନିଫା ହିଆଲ, ମଥାମଣି ମାଝି, ଟୁମୁରାଲକ୍ଷ୍ମୀ ମହାନନ୍ଦିଆ, ପୂର୍ଣ୍ଣିମା ଭତରା, ସୁଭଦ୍ରା ଭତରା, କମଳା ଘୋଟଲି, ବାସନ୍ତୀ ଜାନି, ପଦ୍ମା ଘଟାଲି ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ଶଶାଙ୍କ ଶେଖର ବେହେରା ମ୍ୟାନେଜର ଏବଂ ଦୁର୍ଯ୍ୟୋ ହରିଜନ କୋଚ୍ ଭାବେ ସେମାନଙ୍କ ସହ ଝାରସୁଗୁଡ଼ା ଗସ୍ତ କରିଛନ୍ତି। ନବରଙ୍ଗପୁର ଦଳ ସମ୍ବଲପୁର ଦଳ ସହ ନିଜର ପ୍ରଥମ ମ୍ୟାଚ୍ ଖେଳିବ ବୋଲି ସଂଘ ସହସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲାର ପୁରୁଣା ଖେଳାଳିମାନେ ମହିଳା ଟିମ୍‌କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



ଝାରସୁଗୁଡ଼ା ଗସ୍ତ ପାଇଁ ମନୋନୀତ ହୋଇଥିବା ନବରଙ୍ଗପୁର ମହିଳା ଫୁଟ୍‌ବଲ ଟିମ୍।

# ଗଡ଼ିଲାନି ଗାଡ଼ି, ଖୋଲିଲାନି ଦୋକାନ ବଜାର

ନବରଙ୍ଗପୁର/ଝରିଗାଁ/ଉମରକୋଟ/ତେନ୍ତୁଲିଖୁଣ୍ଟି/ଡାବୁଗାଁ/ପାପଡ଼ାହାଣ୍ଡି, ରାଇଘର/ଚନ୍ଦାହାଣ୍ଡି, ୧୫/୨(ବି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)



କଂଗ୍ରେସର ବନ୍ଦ ଯୋଗୁ ନବରଙ୍ଗପୁର ସଦର ମହକୁମାରେ ଅଟକି ରହିଥିବା ଯାନବାହାନ।

- ପିକେଟିଂକରି ଅଫିସ ବନ୍ଦ କରାଇଲେ ଦଳୀୟ କର୍ମୀ
- ଶଗଡ଼ଗାଡ଼ିରେ ସହର ପରିକ୍ରମା

ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଓ ତୈଳ ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟ କଂଗ୍ରେସ କମିଟି ସୋମବାର ବନ୍ଦ ଡାକରା ଦେଇଥିଲା। ଏହି କ୍ରମରେ ନବରଙ୍ଗପୁର ଜିଲା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ସକାଳ ୭ଟାରୁ ମଧ୍ୟାହ୍ନ ୧୧ଟା ପର୍ଯ୍ୟନ୍ତ ଗାଡ଼ିମୋଟର ଚଳାଚଳ ହୋଇ ନ ଥିଲା। ଦୋକାନ ବଜାର ବନ୍ଦ ଥିଲା। କଂଗ୍ରେସ କର୍ମୀମାନେ ପିକେଟିଂ କରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ମୁଖ୍ୟ ଛକଗୁଡ଼ିକରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି।

ନବରଙ୍ଗପୁର ସଦର ମହକୁମାରେ ପିସିସି କାର୍ଯ୍ୟକାରିଣୀ ସଭାପତି ତଥା ପ୍ରଦୀପ ମାଝି, ଜିଲା ସଭାପତି ମୁନ୍ନା ତ୍ରିପାଠୀଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। କଂଗ୍ରେସ କର୍ମୀମାନେ ସହରର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ରାସ୍ତାଗୁଡ଼ିକରେ ବହୁ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିଥିଲା। ନବରଙ୍ଗପୁର ସାପ୍ତାହିକ ହାଟ ମଧ୍ୟ ବନ୍ଦ ରହିଛି। ନଗର କଂଗ୍ରେସ ସଭାପତି ଲାଲୁ ତ୍ରିପାଠୀ, ପୂର୍ବତନ ବିଧାୟକ ସଦନ ନାୟକ, ଭୀମ ହରିଜନ, ଅଖିଳ ଭତ୍ରା, ପରୀ ସାହୁ, କୁନା ପାଢ଼ୀ, ଅବଦୁଲ ଫିରୋଜ, ତାଜ ଇମ୍ରାନ, ବାସୁ ପଟ୍ଟନାୟକ, ସୁମିତ ପୂଜାରୀ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ବନ୍ଦ ପାଳନରେ ସାମିଲ ହୋଇଥିଲେ।

ଝରିଗାଁରେ କଂଗ୍ରେସ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତା ଅବରୋଧ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ମାଝି, ମହେଶ୍ୱର ଭତ୍ରା, ଏମ୍‌ଡିଗପୁର ଓ ପବିତ୍ର ମାଝିଆ ପ୍ରମୁଖ ଉପସ୍ଥିତ ଥିଲେ।

ଉମରକୋଟରେ କଂଗ୍ରେସ କର୍ମୀମାନେ ସାଇକେଲ ଏବଂ ଶଗଡ଼ ଗାଡ଼ିରେ ସହର ପରିକ୍ରମା କରି ନିଆରା ଢଙ୍ଗରେ ତୈଳ ଦର ବୃଦ୍ଧିର ପ୍ରତିବାଦ ଜଣାଇଥିଲେ। ଏହି ପ୍ରତିବାଦରେ କଂଗ୍ରେସର ଜିଲା ଉପସଭାପତି ତପନ ଦେବନାଥ, ନଗର ସଭାପତି ଗୁଲୁ ସାହୁ, ଯୁବସଭାପତି ନୀଳମାଧବ ନାୟକ, ଛାତ୍ର ସଭାପତି କୃଷ୍ଣଚନ୍ଦ୍ର ମାଝି, ପୂର୍ବତନ ବ୍ଲକ ଚେୟାରମ୍ୟାନ ଉଲଧର ମାଝି, ଜିଲା ଜେନେରାଲ ସେକ୍ରେଟାରି ବାବୁଲା ପଟ୍ଟନାୟକ, ଗୋପାଳ ପଟ୍ଟନାୟକ, ମୁନା ପାଢ଼ୀ, କୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣା ବସ୍‌ଷ୍ଟାଣ୍ଡରେ ପ୍ରଧାନମନ୍ତ୍ରୀ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

ତେନ୍ତୁଲିଖୁଣ୍ଟିରେ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରହଲ୍ଲାଦ ହିଆଲଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ବ୍ଲକର ସମସ୍ତ ଔଷଧ ଦୋକାନ ଖୋଲିବା ସହ ବିବାହ ଗାଡ଼ି ଓ ଆମ୍ବୁଲାନ୍ସ ଚଳାଚଳ କରୁଥିଲା। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗ ରତ୍ନମା, ବାରିଜ ପଟ୍ଟନାୟକ, ଭୀମସେନ ପାଣିଗ୍ରାହୀ, ଅଜୟ ହିଆଲ, ସୁବାସ ହିଆଲ, ସୁନୀଲ ସିଂ, ଲକ୍ଷ୍ମଣ ହରିଜନ ପ୍ରମୁଖ ସାମିଲ ଥିଲେ।

ନବରଙ୍ଗପୁର ଜିଲା ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁଙ୍କ ନେତୃତ୍ୱରେ ଡାବୁଗାଁରେ ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ପାଳନ ସମୟରେ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି, ବ୍ଲକର ୩ଜଣ ଉପସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ବାବି ଜେନା, ଗୁପ୍ତ ବିଶୋଇ, ବ୍ଲକ ଯୁବକଂଗ୍ରେସ ସଭାପତି ପ୍ରଦୀପ ଜେନା, ବ୍ଲକ କମିଟି କୋଷାଧ୍ୟକ୍ଷ ଶଶୀ ମାଝି, ବରିଷ୍ଠ କର୍ମୀ ଯୁରେଶ୍ୱର ପଣ୍ଡା, ସୁରେଶ ସାମଲ, ଟି. ମୁରଲୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

ପାପଡ଼ାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏଠାରେ ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ଏହି ସମୟରେ ଶିବ ପ୍ରସାଦ ଅଗ୍ରୱାଲ, ଈଶ୍ୱର ମିର୍ଗାନ, ତୁଳସା ଭତ୍ରା, ରବୀନ୍ଦ୍ର ପ୍ରଧାନ,ରାଜକିଶୋର ରାଓ, ଶଶିମୋହନ ଶର୍ମା, ସେକ୍ କାଉସର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

ରାଇଘର ବ୍ଲକ କଂଗ୍ରେସ ସଭାପତି ସୁବଲନ୍ ସାନ୍ତାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ରାଇଘର ମୁଖ୍ୟ ବଜାରରେ ଏକତ୍ରିତ ହୋଇ କେନ୍ଦ୍ର ସରକାରୀ ବିରୋଧ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ପାନ୍ନାଲାଲ ସିଂ, ନାଗେଶ କଲାର, ଚକ୍ରଧର ଖମାରି, ନଲ ପନକା, ଖଗ ହରିଜନ, ଆନୱାର ପ୍ରମୁଖ ଉପସ୍ଥିତ ଥିଲେ।

ଚନ୍ଦାହାଣ୍ଡିରେ ପୂର୍ବତନ ପିସିସି ସମ୍ପାଦକ କ୍ଷେମରାଜ୍ ବାଘଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ଏଥିଯୋଗୁ ଭୁବନେଶ୍ୱର, ଭବାନୀପାଟଣା,ଛତିଶଗଡ଼, ଉମରକୋଟ,ନବରଙ୍ଗପୁର ଆଦି ସ୍ଥାନକୁ ଯାଉଥିବା ବସ୍, ଟ୍ରକ୍ ମାଲବାହୀ ଗାଡି ଅଟକି ରହିଥିଲା। ଏହି ବନ୍ଦବେଳେ ଡମ୍ବରୁଧର ହରୀନା, ହୁମେଶ୍ୱର ହଂସ, ଜଗଦିଶ୍ ବାଘ, ମୋହନ ନାଗ,ସନ୍ତୋଷ ପଟ୍ଟନାୟକ,ବନମାଳୀ ବାଘ, ଶ୍ରୀବତ୍ସ ପଣ୍ଡା, ମହେଶ୍ୱର ଦାସ ପ୍ରମୁଖ ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ହାଜତରେ ୪ ନାବାଳକଙ୍କୁ ନିର୍ଯାତନା ମାଡ଼ମାରି ବିଦ୍ୟୁତ୍ ଶକ୍ ଦେଇଥିବା ଅଭିଯୋଗ

ମାଲକାନଗିରି,୧୫।୨(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନାରେ ୪ ଜଣ ନାବାଳକଙ୍କୁ ଚୋରି ଅଭିଯୋଗରେ ଧରି ଆଣି ପୋଲିସ ନିସ୍ଥୁକ ମାଡ଼ ମାରିଥିବା ଜଣାପଡିଛି। ଏପରିକି ପୋଲିସ ସେମାନଙ୍କୁ ବିଦ୍ୟୁତ୍ ଶକ୍ ଦେଇ ନିର୍ଯାତନା ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ନାବାଳକମାନଙ୍କୁ ୩ ଦିନ ତଳେ ପୋଲିସ ସେମାନଙ୍କ ଘରୁ ଉଠାଇ ଆଣିଥିଲା। ଏହି ନାବାଳକମାନଙ୍କୁ ଥାନା ହାଜତରେ ରଖାଯାଇଥିବା ବେଳେ ସେମାନଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇନାହିଁ। ଫଳରେ ପୋଲିସର କାର୍ଯ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ଚିତ୍ରକୋଣ୍ଡା ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ଘଟଣାକୁ ଖଣ୍ଡନ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନବରଙ୍ଗପୁର,୧୫।୨(ବି.ପ୍ର.)- ନବରଙ୍ଗପୁର ରାଜୁ ସାହି ନିବାସୀ ସିଦ୍ଧେଶ୍ୱର ସାହୁ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ବଡ଼ ଭାଇ ଜଗବନ୍ଧୁ ଏ ନେଇ ନବରଙ୍ଗପୁର ଥାନାକୁ ଖବର ଦେଇଛନ୍ତି। ପୋଲିସ ମୃତଦେହ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଭବାନୀପାଟଣା ଅଞ୍ଚଳର ସିଦ୍ଧେଶ୍ୱର ଓ ତାଙ୍କ ବଡ଼ଭାଇ ସ୍ଥାନୀୟ ରାଜୁ ସାହିରେ ଭଡ଼ା ଘରେ ରୁହନ୍ତି। ସୋମବାର ସନ୍ଧ୍ୟାରେ ଜଗବନ୍ଧୁ ବାହାରୁ ଆସି ସିଦ୍ଧେଶ୍ୱରଙ୍କ ଝୁଲନ୍ତା ମୃତଦେହ ଦେଖି ନବରଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରିଛନ୍ତି। ପ୍ରକାଶ ଯେ, ସିଦ୍ଧେଶ୍ୱର ଏକ ବ୍ୟାଙ୍କରେ ଅସ୍ଥାୟୀ କର୍ମଚାରୀଭାବେ କାମ କରୁଥିଲେ।




ଜୟପୁରରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ରାଜପଥ ଅବରୋଧ କରାଯାଇଛି । ମାଲକାନଗିରିରେ କଂଗ୍ରେସ କର୍ମକର୍ତ୍ତାମାନେ ରାସ୍ତାରୋକୋ କରିଛନ୍ତି ।



ଏମ୍‌ଭି-୭୯ରେ ଦୋକାନ ବଜାର ବନ୍ଦ ରହିଛି ।

# ବନ୍ଦ ରୋକିଲା ସାଧାରଣ ଜୀବନଯାତ୍ରା

**କୋରାପୁଟ/ଜୟପୁର/କୋଟପାଡ଼/ସେମିଳିଗୁଡ଼ା/ ସୁନାବେଡ଼ା/ଲକ୍ଷ୍ମୀପୁର/ପଟ୍ଟାଙ୍ଗୀ/ ବୋରିଗୁମ୍ମା, ୧୫।୨(ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)**

ଡିଜେଲ, ପେଟ୍ରୋଲ ଓ ଗ୍ୟାସ୍ ଆଦି ପେଟ୍ରୋଲିୟମଜାତ ସାମଗ୍ରୀର ଦର ବୃଦ୍ଧି ନେଇ ସୋମବାର କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୬ଘଣ୍ଟିଆ ବନ୍ଦ ଡାକରା କୋରାପୁଟରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଏଥିଯୋଗୁ ସହରର ସମସ୍ତ ଦୋକାନ ବଜାର, ଗାଡ଼ିଚଳାଚଳ, ପେଟ୍ରୋଲ ପମ୍ପ ଆଦି ବନ୍ଦ ରହିଥିଲା। କୋରାପୁଟ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଟ୍ରାଫିକ ଛକଠାରେ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ରୂପକ କୁମାର ତୁରକ, ପୂର୍ବତନ ବିଧାୟକ ନିମାଁଇ ସରକାର, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ପୂର୍ବତନ ଜିଲା ପରିଷଦ ସଦସ୍ୟ ଜଗଦୀଶ ଖୋସ୍‌ଲା, ବାବୁଲା ବେନିଆ, ନମିତା ମାଝି, ରମେଶ ବାଖିଆଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ୨୬ ନଂ. ଜାତୀୟ ରାଜପଥରେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିପାଇଁ ଉଭୟ ପାର୍ଶ୍ୱରେ ଶତାଧିକ ଟ୍ରକ୍, ବସ୍ ଓ ଅନ୍ୟ ଗାଡ଼ି ଚଳାଚଳ ଠପ୍ ହୋଇପଡ଼ିଥିଲା।

ଜୟପୁରରେ ମଧ୍ୟ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଜିଲା କଂଗ୍ରେସ କମିଟି ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଓ ବିଧାୟକ ତାରାପ୍ରସାଦ ବାହିନୀପତି



ପଟ୍ଟାଙ୍ଗୀରେ କଂଗ୍ରେସ କର୍ମକର୍ତ୍ତାମାନେ ବନ୍ଦରେ ସାମିଲ ହୋଇଛନ୍ତି ।

ଜାତୀୟ ରାଜପଥ-୨୬ର ମୁଖ୍ୟ ଟ୍ରାଫିକ ଛକଠାରେ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ସହ ରାସ୍ତା ଅବରୋଧ କରିଥିଲେ। ୬ଘଣ୍ଟା ଧରି ସହରରେ ଚକଅଖ, ଦୋକାନ ବଜାର ବନ୍ଦ ରହିଥିଲା। ଯୁବକଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ, ନରେନ୍ଦ୍ର ମହାନ୍ତି, ଦୁର୍ଗାଶଙ୍କର ସାହୁ, ନିହାର ବିଷୋୟୀ, ଅଜିତ ସାମନ୍ତରାୟ, ପ୍ରଫୁଲ୍ଲ ଭତ୍ରା, ଦୁର୍ଗା ଶର୍ମାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି ଆମ୍ବାଗୁଡ଼ା ଛକ, ବାରିଣିପୁଟ, ବାମୁଣି ଗାଁରେ କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧକରି ବନ୍ଦକୁ ସଫଳ କରିଥିଲେ। ସେହିପରି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇ ପେଟ୍ରୋଲ ଡିଜେଲ ଦରବୃଦ୍ଧିର ପ୍ରତିବାଦ କରାଯାଇଥିଲା।

କୋଟପାଡ଼୍‌ରେ ନଗର ସଭାପତି ବାପୁନ ତ୍ରିପାଠୀଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କର୍ମୀମାନେ ଛତିଶଗଡ଼ ପଟୁ ଆସୁଥିବା ମାଲବାହୀ ଟ୍ରକ୍ ଅଟକାଇ ଆନ୍ଦୋଳନ କରିଥିଲେ। ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ଜିଲା ସାଧାରଣ ସମ୍ପାଦକ ମଣିପ୍ରସାଦ ପଟ୍ଟନାୟକ, ଶଙ୍କର ରାଓ, ବୁଲୁ ହୋତା, ମୁନା ଖାଁ, ଚଞ୍ଚଳ ଗୁଜରାଲ, ଶଙ୍କର ପଣ୍ଡାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

ସେମିଳିଗୁଡ଼ା ଓ ସୁନାବେଡ଼ା ସହରରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀମାନେ ଉଭୟ ସହରର ଟ୍ରାଫିକ ଛକଠାରେ ଦଉଡ଼ି ଟାଣି ଟାୟାର ଜାଳି ରାସ୍ତା ଅବରୋଧକରି ବନ୍ଦ ପାଳନ କରିଥିଲେ। ଦୋକାନବଜାର ବନ୍ଦ ଥିବା ବେଳେ କେତେକ ବ୍ୟାଙ୍କ ଖୋଲାଥିଲା। କଂଗ୍ରେସ କର୍ମୀମାନେ ପିକେଟିଂକରି ଏହାକୁ ବନ୍ଦ କରାଇଥିଲେ। ତୈଳ ଦର ବୃଦ୍ଧି, ଆନ୍ଧ୍ର ସହ ସୀମା ବିବାଦ ନେଇ ବକ୍ତାମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେମିଳିଗୁଡ଼ା ଟ୍ରାଫିକ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ରାଜେନ୍ଦ୍ର ଚନ୍ଦ୍ର ପାଙ୍ଗୀ, ଦାଶୀ ନନ୍ଦିବାଲି, ଜଗଦୀଶ ବାଘ, ମଦନ ଖିନବୁଡି, ଜଗତରାୟ ଖିନବୁଡି, ସନିଆ ମାଝି, ହୀରା ଖିଲ, ଲକ୍ଷ୍ମଣ ହନ୍ତାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଲକ୍ଷ୍ମୀପୁର ବ୍ଲକରେ କଂଗ୍ରେସର ବନ୍ଦ ଡାକରା ସଫଳ ହୋଇଛି। ପୂର୍ବତନ ବିଧାୟକ କୈଳାସ କୁଲେସିକା ଓ ବ୍ଲକ କଂଗ୍ରେସ ସଭାପତି କୈଳାସ ଖୋସ୍‌ଲାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଲକ୍ଷ୍ମୀପୁର ସଦର ମହକୁମାରେ ରାସ୍ତା ଅବରୋଧ କରିଥିଲେ। କାକିରିଗୁମ୍ମା ସାପ୍ତାହିକ ହାଟରେ ମଧ୍ୟ କଂଗ୍ରେସ କର୍ମୀ ଜିତେନ୍ଦ୍ର ବିଶୋୟୀ,ବାଳକୃଷ୍ଣ ନାୟକ, ବିଜୟ ବିଶୋୟୀଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା।

ପଟ୍ଟାଙ୍ଗୀରେ ବୋଡା ପ୍ରସାଦଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। କଂଗ୍ରେସ କର୍ମକର୍ତ୍ତାମାନେ ଜାତୀୟ ରାଜପଥରେ ଦଉଡ଼ି ବାନ୍ଧି ରାସ୍ତା ଅବରୋଧକରି ପ୍ରତିବାଦ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ରାଜ୍ୟ ଯୁବକଂଗ୍ରେସ ସହ ସମ୍ପାଦକ ଶଙ୍କର ପଟ୍ଟନାୟକ, ଶ୍ୟାମସୁନ୍ଦର ମହାନ୍ତି, ସେବା ଦଳର ଗୋବିନ୍ଦ ଖରା, ଜିଲା ପରିଷଦ ସଭ୍ୟ ସଙ୍ଗୀତା ଗଣ୍ଡେରି, ସୁରେଶ ରୁଡି, ଜଗତ ରାୟ ଖରା, ପୂର୍ବତନ ସରପଞ୍ଚ ଆପାରାଓ , ଏସ୍. ଚନ୍ଦ୍ରଶେଖର, ଏମ୍‌ପି ପ୍ରତିନିଧି ଅର୍ଜୁନ ବାଙ୍କା, ପୂର୍ବତନ ଜିଲା ପରିଷଦ ସଭ୍ୟ ଶୁକ୍ରା ଖରା , ସମିତିସଭ୍ୟ କାମିନୀ ଖିଲ, ପୁକାଲି ପୂର୍ବତନ ସରପଞ୍ଚ ତ୍ରିପତି ସାରା, ବ୍ଲକ ଯୁବ କଂଗ୍ରେସ ସଭାପତି ଅଭି ଲବୁଡୁ ବାରିକ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

ବୋରିଗୁମ୍ମାରେ ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ତେବେ ଦୁଇଚକିଆ ଯାନ ଚଳାଚଳ ସ୍ୱାଭାବିକ ଥିଲା। ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ବିମଳା ଚାଲାଣ, ସରପଞ୍ଚ ଚନ୍ଦ୍ରିକା ଯାନି ରାମଚନ୍ଦ୍ର ପାଢ଼ୀ,ବୁଲୁ ପ୍ରଧାନ, କେ.ସୁଧାକର,ପିଙ୍କୁ ଶତପଥୀ ଅନ୍ୟମାନେ ବନ୍ଦ ରେ ସାମିଲ ଥିଲେ।

## କଂଗ୍ରେସର ରାସ୍ତା ଅବରୋଧ: ୩୮ ଜଣଙ୍କ ନାମରେ ମାମଲା

**ଜୟପୁର ୧୫।୨ (ନି.ପ୍ର.)-**

କଂଗ୍ରେସର ଓଡିଶା ବନ୍ଦ ଡାକରାର ପ୍ରଭାବ ଜୟପୁର ଦେଖିବାକୁ ମିଳିଛି। ଜୟପୁର ଟାଉନ ଥାନା ଓ ସଦର ପୋଲିସ ଏନେଇ ୨ଟି ମାମଲା ରୁଜୁ କରିଛି । ମୋଟ ୩୮ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି । ଏନେଇ ୪୫/୨୧ରେ ୨୫ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି । ସେହିପରି ଜୟପୁର ସଦର ଥାନା ପକ୍ଷରୁ ଆମ୍ବାଗୁଡା ଓ ବାରିଣିପୁଟରେ ରାସ୍ତା ଆବରୋଧ ପାଇଁ ୨୧/୨୧ରେ ୧୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ରାସ୍ତା ଅବରୋଧ କରି ସାଧାରଣ ଜୀବନଯାତ୍ରାରେ ବାଧା ସୃଷ୍ଟି କରିଥିବାରୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି ।

## ଗାଡ଼ି ଧକ୍କାରେ ଜଣେ ମୃତ

**ଛତ୍ରପୁର,୧୫।୨(ଡି.ଏନ.ଏ):**

ଚମାଖଣ୍ଡି ଥାନା କାଳିଆବାଲି ଛକ ଜାତୀୟ ରାଜପଥରେ ସୋମବାର କୌଣସି ଏକ ଗାଡି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ବୟସ ପ୍ରାୟ ୪୫ ହେବ ବୋଲି ପୋଲିସ କହିଛି। ଭୋରରେ ଜାତୀୟ ରାଜପଥରେ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଚମାଖଣ୍ଡି ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିଛି ।

## ଗୁଣପୁର ବଂଶଧାରା ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



କଣ୍ଠଶିଳ୍ପୀ ଅମ୍ରିତା ଭାରତୀ ପଣ୍ଡା ସଙ୍ଗୀତ ପରିବେଷଣ କରୁଛନ୍ତି ।

# ମାଲକାନଗିରି ଜିଲାରେ ବନ୍ଦ

**ମାଲକାନଗିରି/ଚିତ୍ରକୋଣ୍ଡା/ଏମ୍‌ଭି-୭୯/ପଡିଆ,୧୫।୨(ଡି.ଏନ.ଏ.)**

ଡିଜେଲ, ପେଟ୍ରୋଲ ଓ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ୬ ଘଣ୍ଟିଆ ବନ୍ଦ ପାଳନର ପ୍ରଭାବ ମାଲକାନଗିରି ଜିଲାରେ ପଡ଼ିଛି। ଜିଲା ସଦର ମହକୁମା ସହ ଜିଲାର ୭ଟି ବ୍ଲକ ଓ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବନ୍ଦ ପାଳନ ହୋଇଛି। ଜିଲା ସଦର ବସ୍‌ଷ୍ଟାଣ୍ଡ, ସୁଭାଷ ବୋଷ ଛକ ଓ ଡିଏନ୍‌କେ ମୁଖ୍ୟରାସ୍ତାକୁ କଂଗ୍ରେସ କର୍ମକର୍ତ୍ତାମାନେ ଅବରୋଧ କରି ବନ୍ଦ ପାଳନ କରିଥିଲେ। ସମସ୍ତ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏନେଇ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲା ସଭାପତି ଗୋବିନ୍ଦ ପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, ଜି. ଶ୍ରୀନିବାସ ରାଓ, ପି. କେଶୁରାଓ, ପ୍ରଭାକର ପାଳ, ପଦ୍ମ ପାଙ୍ଗୀଙ୍କ ସହ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

ଚିତ୍ରକୋଣ୍ଡା କଂଗ୍ରେସ ପକ୍ଷରୁ ପଞ୍ଜାବୀ ଛକଠାରେ କଂଗ୍ରେସ କର୍ମୀମାନେ ରାସ୍ତାରେ ଟାୟାର ପକାଇ ରାସ୍ତା ଅବରୋଧ କରି ବନ୍ଦ ପାଳନ କରିଥିଲେ। ଏଥିଯୋଗୁ ସରକାରୀ ଓ ଘରୋଇ ବସ୍ ସହ ଅନ୍ୟାନ୍ୟ ଗାଡ଼ିମୋଟର ଚଳାଚଳ ବନ୍ଦ ଥିଲା। ଦୋକାନ ବଜାର ବନ୍ଦ ରହିଥିଲା। କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା କଂଗ୍ରେସର ଦେବେନ୍ଦ୍ର ଦାଶ, ଅର୍ଜୁନ ଦଳେଇ, ଟିଙ୍ଗୁ ହନ୍ତାଳ, ଜଗୁ ଡୁରୁ,ପରିଚାଳନା କରିଥିଲେ । ଏମ୍‌ଭି-୭୯ରେ ପାଚୁ ସରକାର, ପ୍ରଭାସ ରଙ୍ଗ, ଅକୁଲ ସାନ, କୃଷ୍ଣ ମଣ୍ଡଳ, ହରେକୃଷ୍ଣ ହାଲ୍‌ଦାରଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଛି। ପଡିଆରେ ବ୍ଲକ କଂଗ୍ରେସ ସଭାପତି ଏମଡି ଫାରୁକଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। କର୍ମକର୍ତ୍ତା ଓ କର୍ମୀମାନେ ରାସ୍ତା ଅବରୋଧ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ।



ଚିତ୍ରକୋଣ୍ଡାରେ ଦୋକାନ ବଜାର ବନ୍ଦ ରହିଛି ।

# ବିବାହ ବନ୍ଧନରେ ବାନ୍ଧି ହେଲେ ୧୫ ଯୋଡ଼ା ମାଓବାଦୀ

**ମାଲକାନଗିରି,୧୫।୨(ଡି.ଏନ୍.ଏ.)**

**ନିଆରା ଢଙ୍ଗରେ ଭାଲେଣ୍ଟାଇନ ଡେ ପାଳିଲା ଦାନ୍ତେୱାଡା ପୋଲିସ**

ଫେବୃୟାରୀ ୧୪ ଥିଲା ଭାଲେଣ୍ଟାଇନ ଡେ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲା ପୋଲିସ ନିଆରା ଢଙ୍ଗରେ ଏହି ଭାଲେଣ୍ଟାଇନ ଡେ ପାଳନ କରିଛନ୍ତି। ମାଓବାଦୀ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ବିବାହ ବନ୍ଧନରେ ବାନ୍ଧି ଦେଇଛି ପୋଲିସ। ୧୫ ଯୋଡ଼ା ମହିଳାପୁରୁଷ ମାଓବାଦୀଙ୍କୁ ଜୀବନର ନୂଆ ରାହା ଦେଖାଇ ଉଦାହରଣ ସୃଷ୍ଟି କରିଛି ଦାନ୍ତେୱାଡା ପୋଲିସ। କାରଲିସ୍ଥିତ ବିବାହ ମଣ୍ଡପ ସୁନ୍ଦର ଭାବେ ସଜାଯାଇଥିଲା। ବିବାହ ସମୟରେ ଆଦିବାସୀ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଆଦିବାସୀଙ୍କ ପାରମ୍ପରିକ ବାଜା ବାଜିଥିଲା। ଆଦିବାସୀ ସଂସ୍କୃତି ଏବଂ ପରମ୍ପରାକୁ ସମ୍ମାନ ଦେଇ ୧୫ ଯୋଡ଼ିଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଯେଉଁ ହାତରେ ବନ୍ଧୁକ ଥିଲା ସେହି ହାତରେ ଗୋଲାପଫୁଲ ଧରାଇ ବୈବାହିକ ବନ୍ଧନରେ ଛନ୍ଦି ସେମାନଙ୍କୁ ନୂଆ ଜୀବନର ରାସ୍ତା ଦେଖାଇଛି ପୋଲିସ। ମାଓବାଦୀ ସଙ୍ଗଠନରେ ଭଲପାଇ ବିବାହ କରିବା ମନା। ପୁରୁଷ ହୁଅନ୍ତୁ ଅବା ମହିଳା ସମସ୍ତଙ୍କ ପାଇଁ ଏହି ନିୟମ ଥିଲା ସମାନ। ତେବେ ମାଓବାଦୀ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରିଥିବା ଏହି ଯୁବତୀଯୁବକଙ୍କ ଅଧୁରା ସ୍ୱପ୍ନ ପୂରଣ କରିବାରେ ଦାନ୍ତେୱାଡା ପୋଲିସ ମୁଖ୍ୟ ଭୂମିକା ତୁଲାଇଥିଲା। ଏ ଦିଗରେ ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲବଙ୍କ ଏପରି ପ୍ରୟାସକୁ ସବୁ ମହଲରେ ବେଶ୍ ପ୍ରଶଂସା କରାଯାଇଛି।



ବିବାହ କରିଥିବା ଯୁବତୀମାନେ ।

## ଆଜି କବିସୂର୍ଯ୍ୟ ଜୟନ୍ତୀ

**ଦିଗପହଣ୍ଡି,୧୫।୨(ଡି.ଏନ.ଏ.):**

ଦିଗପହଣ୍ଡି ବିକାଶ ପରିଷଦ ପକ୍ଷରୁ ଗାନ୍ଧୀ ଛକ ଠାରେ ମଙ୍ଗଳବାର କବିସୂର୍ଯ୍ୟଙ୍କ ଜୟନ୍ତୀ ଅନୁଷ୍ଠିତ ହେବ। ଏଥିରେ ପ୍ରଫେସର ପ୍ରସନ୍ନ ସ୍ୱାଇଁ, ଡ କୁଳମଣି ଓଝା, ଡ.ଲମ୍ବୋଦର ପାଣିଗ୍ରାହୀ, ଅଧ୍ୟାପକ ଡଃ ହୃଷୀକେଶ ପଣ୍ଡା, ବିଶିଷ୍ଟ ଗବେଷକ ଡ଼ଃ ଅନନ୍ତ ରାମ କର କୌଣ୍ଡିନ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ।

# ପାଇଖାନା ଦୁର୍ନୀତି ଚପାଇ ଦେବାକୁ ଉଦ୍ୟମ

**ବୈପାରିଗୁଡା,୧୫।୨ (ଡି.ଏନ୍.ଏ.)**

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତ ଶାରକଣ୍ଡ ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ବାଟବଣା ହୋଇଛି। ୧୦ ଜଣ ହିତାଧିକାରୀଙ୍କ ଆଦୌ ପାଇଖାନା ନିର୍ମାଣ କରାଯାଇ ନ ଥିବା ବେଳେ ଏ ବାବଦରେ ୧ ଲକ୍ଷ ଟଙ୍କା ହେରଫେର ହୋଇଥିବା ସମ୍ପୃକ୍ତ ହିତାଧିକାରୀଙ୍କ ସମେତ ବ୍ଲକ ଉପାଧ୍ୟ ତ୍ରିଲୋଚନ ଜେନା ଅଭିଯୋଗ କରିଛନ୍ତି। ଏନେଇ ସେମାନେ ୧୧ ରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଏହାର ଖୋଳତାଡ ଆଶଙ୍କାରେ ଏହି ଦୁର୍ନୀତିକୁ ଚପାଇ ଦେବାକୁ ବ୍ଲକ ପ୍ରଶାସନ ଉଦ୍ୟମ କରୁଥିବା ଜେନା ପ୍ରକାଶ କରିଛନ୍ତି।



ତଦନ୍ତ ପୂର୍ବରୁ ନିର୍ମାଣ ଚାଲିଥିବା ପାଇଖାନା ।

ଖବରରୁ ଜଣାପଡିଛି ବିଡିଓଙ୍କ ନିର୍ଦ୍ଦେଶରେ ଫାଇଲ୍ ନଂ ୩୮/୨୦/୨୧ରେ ପ୍ରତି ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ୧୦ ଜଣ ହିତାଧିକାରୀ ନରସିଂ ଖିଲ, ମୁକୁନ୍ଦ ଖିଲ, ପଦଲାମ ଗୌଡ, ହିରନ ଗୋଲରି, ଡମ୍ବୁର ଗୌଡ, ଦୀନବନ୍ଧୁ ଖିଲ, କୃପା ଗୌଡ,ସବର୍ଣ୍ଣ ଗୌଡ,ଚମ୍ପା ଗୌଡ ଏବଂ ବଳା ହନ୍ତାଳଙ୍କ ଲାଗି ୧ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁ କରାଯାଇଥିଲା। ତେବେ ପାଇଖାନା ଆଦୌ ନିର୍ମାଣ କରା ନ ଯାଇ ବିଲ୍ ଫାଇନାଲ କରାଯାଇ ସବୁ ଅର୍ଥ ହଡପ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଅଭିଯୋଗର ତଦନ୍ତ ପୂର୍ବରୁ ଏବେ ରାତିଦିନ ପାଇଖାନା ନିର୍ମାଣ କାମ ଚାଲିଥିବା ଜେନା କହିଛନ୍ତି। ଉକ୍ତ ଦୁର୍ନୀତିର ତଦନ୍ତ କରାଯାଇ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ପଚାରିବାରୁ ପାଇଖାନା ନିର୍ମାଣ ଟଙ୍କାର ଆଦୌ ବାଟମାରଣା ହୋଇ ନ ଥିବା କହିଛନ୍ତି।

**ଅଭିଯୋଗ ଆଣିଲେ ବ୍ଲକ ଉପାଧ୍ୟକ୍ଷ**

- ପ୍ରତି ହିତାଧିକାରୀଙ୍କ ପାଇଁ ମଞ୍ଜୁର ହୋଇଥିଲା ୧୨ ହଜାର
- କାହାର ମଧ୍ୟ ନିର୍ମାଣ ହୋଇନି ପାଇଖାନା
- ଅର୍ଥ ବାଟମାରଣା ହୋଇନି: ବିଡିଓ

